# ବିଦେଶାଗତ ପନିପରିବା ଚାଷ





କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ବିଦେଶାଗତ ପନିପରିବା ଚାଷ

ଆଲେଖ୍ୟ
ଶ୍ରୀ ସୁଜିତ୍ କୁମାର ମୁଖି
ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

ସଂପାଦନା
ଡଃ. ଦେବାଶିଷ ମିଶ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା

ସଂପ୍ରସାରଣ ପୁସ୍ତିକା-୨୦୨୦-୨୧

# ବିଦେଶାଗତ ପନିପରିବା ଚାଷ

*ଆଲେଖ୍ୟ*

ଶ୍ରୀ ସୁଜିତ୍ କୁମାର ମୁଖି

ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

*ସଂପାଦନା*

ଡଃ. ଦେବାଶିଷ ମିଶ୍ର

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

*ପ୍ରକାଶକ :*

କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ
ଓଡ଼ିଶା

*ମୁଦ୍ରଣ :*

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By**

**Shri Sujit Kumar Mukhi**

Scientist (Soil Science)

**Editor** :

**Dr. Debasish Mishra**

Sr. Scientist and Head

KVK, Kandhamal

**Published by :**

Krishi Vigyan Kendra, Kandhamal

kvkKandhamal.ouat@gmail.com

**Printed by :**

Ankita Graphics, Bhubaneswar.

saroj77337@gmail.com

Ph : 9437077337

# ବ୍ରୋକୋଲି

ବ୍ରୋକୋଲି ଏକ ଫୁଲକୋବି ଜାତୀୟ ଫସଲ। ଏହା ପରିବା ଓ ସାଲାଡ୍ ରୂପେ ବ୍ୟବହାର କରାଯାଏ। ଏହାର ଫୁଲକବି ସବୁଜ ବା ବାଇଗଣି ରଙ୍ଗର ହୋଇଥାଏ। ଏଥିରୁ ଭିଟାମିନ୍ 'କ', 'ଖ' ଓ 'ଗ' ପ୍ରଚୁର ପରିମାଣରେ ମିଳିଥାଏ। ବ୍ରୋକୋଲି କ୍ୟାନ୍‌ସର, ମଧୁମେହ ଓ ହୃଦ୍ ରୋଗ ଭଳି ମାରାତ୍ମକ ରୋଗକୁ ପ୍ରତିରୋଧ କରିଥାଏ। ତେଣୁ ବଜାରରେ ଏହାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

## ଜଳବାୟୁ :

ବ୍ରୋକୋଲି ଏକ ଶୀତ ଦିନିଆ ଫସଲ। ଥଣ୍ଡା ଜଳବାୟୁ ଏବଂ କମ୍ ତାପମାତ୍ରାରେ ଏହି ଫସଲ ଭଲ ହୁଏ। ଏହାର ଉତ୍ତମ ବୃଦ୍ଧି ପାଇଁ ୨୦° ରୁ ୨୫° ସେଲ୍‌ସିୟସ୍ ତାପମାତ୍ରା ଆବଶ୍ୟକ। ଫୁଲକଡ଼ ଆସିବା ସମୟରେ ୧୫° ରୁ ୨୦° ସେଲ୍‌ସିୟସ୍ ତାପମାତ୍ରା ରହିବା ଦରକାର। ତାପମାତ୍ରା ବଢ଼ିଲେ ଏହାର ଫୁଲକଡ଼ ଖରାପ ହୋଇଥାଏ।

## ମୃତ୍ତିକା :

ଉର୍ବର, ଦୋରସା, ନିଗିଡ଼ା ମାଟିରେ ବ୍ରକୋଲି ଚାଷ ଭଲ ହୁଏ। ମାଟିର ଅମ୍ଳତା ୫.୫ ରୁ ୭.୫ ରେ ଭଲ ହୁଏ।

## କିସମ :

ଉନ୍ନତ କିସମଗୁଡ଼ିକ ହେଲା ପାଲାମ ସମୃଦ୍ଧି - ପ୍ରତି ଫୁଲ କଡ଼ର ଓଜନ ୩୦୦ ରୁ ୪୦୦ ଗ୍ରାମ ଏବଂ ପୁଷା କେ.ଟି.ଏସ୍.୧ -ପ୍ରତି ଫୁଲ କଡ଼ର ଓଜନ ୩୫୦ ରୁ ୪୫୦ ଗ୍ରାମ୍। ଏକର ପ୍ରତି ୨୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୁଏ। ସେପ୍‌ଟେମ୍ବର-ନଭେମ୍ବର ଉପଯୁକ୍ତ ସମୟ।

## ପଟାଳି ପ୍ରସ୍ତୁତି :

ତଳି ଘେରାରେ ମାଟିକୁ ଗୁଣ୍ଡକରି ୩ ମିଟର ଲମ୍ବ ୧ ମିଟର ଓସାର ଓ ୧୫ ରୁ ୨୦ ସେମି ଉଚ୍ଚତା ପଟି ତିଆରି କରନ୍ତୁ। ପ୍ରତି ପଟିରେ ୩୦ କେଜି କମ୍ପୋଷ୍ଟ ଓ ୧୦୦ ଗ୍ରାମ୍ କ୍ଲୋରପାଇରିଫସ୍ ଗୁଣ୍ଡ ମିଶାଇ ୭ ଦିନ ଛାଡ଼ି ଦିଅନ୍ତୁ। ତଳି ପଟିକୁ ବିଶୋଧନ କରି ୫ରୁ ୭ ସେମି ଦୂରତାରେ ଗାରଟାଣି ଅଧ ସେମିରୁ ୧ ସେମି ଗଭୀରରେ ମଞ୍ଜିପକାଇ ଗୁଣ୍ଡମାଟି ଦେଇ ଘୋଡ଼ାଇ ଦିଅନ୍ତୁ। ପଟାଳିକୁ ନଡ଼ାଦ୍ୱାରା ଘୋଡ଼ାଇ ସକାଳ ଓ ସନ୍ଧ୍ୟାରେ ଝରା ପାଣି ଦିଅନ୍ତୁ। ୪-୫ ଦିନ ବେଳକୁ ଗଜା ବାହାରି ଆସିଲେ ନଡ଼ାକୁ ପଟାଳି ମଧ୍ୟରୁ ବାହାର କରି ଦିଅନ୍ତୁ।

## ଜମି ପ୍ରସ୍ତୁତି ଓ ଚାଷ ପ୍ରଣାଳୀ :

ଜମିକୁ ୩/୪ ଓଡ଼ ଚାଷ କରି ସମତଳ କରିଦିଅନ୍ତୁ। ଚାରା ରୋପଣ କରିବା ସମୟରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଏବଂ ଗଛକୁ ଗଛ ଦୂରତା ୩୦-୪୫ ସେ.ମି ବ୍ୟବଧାନ ଆବଶ୍ୟକ।

## ଖତ ଓ ସାର :

ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୧୦-୧୫ ଟନ୍ ଭଲ ସଢ଼ା ଗୋବର ଖତ, ୧୦ କି.ଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ଏବଂ ମୂଳସାର ହିସାବରେ ଏକର ପ୍ରତି ୨୫ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା ଫସଫରସ୍ ଏବଂ ୪୦ କି.ଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ। ଅଣୁସାର ହିସାବରେ ବୋରନ୍‌ର ବିଶେଷ ମହତ୍ୱ ରହିଛି। ଏକର ପ୍ରତି ୮ କି.ଗ୍ରା ବୋରାକ୍ସ ପ୍ରୟୋଗ କରନ୍ତୁ। ମୂଳସାର ହିସାବରେ ବୋରାକ୍ସ ନ ଦେଇଥିଲେ ୦.୨% ବୋରନ୍ ପତ୍ର ସିଞ୍ଚନ କରନ୍ତୁ।

## ଜଳସେଚନ ଓ ପରବର୍ତ୍ତୀ ଯତ୍ନ :

ଚଳି ଲଗାଯିବାର ୨୦-୨୫ ଦିନ ପରେ ଥରେ କୋଡ଼ାଖୋସା କରନ୍ତୁ। ଏହାର ୧୫ ଦିନ ପରେ ପୁଣି ଥରେ କୋଡ଼ାଖୋସା କରି ହୁଡ଼ା ଟେକି ଦିଅନ୍ତୁ। ସାର ପ୍ରୟୋଗ କଲାପରେ ଜଳସେଚନ କରନ୍ତୁ। ଜମିର ଆର୍ଦ୍ରତା ଦେଖି ଜଳସେଚନ କରନ୍ତୁ।

## ରୋଗ ଓ ପୋକ :

ସାଧାରଣତଃ ବ୍ରୋକୋଲି ଫସଲରେ ରୋଗ ଓ ପୋକ ଦେଖାଯାଏ ନାହିଁ। କିନ୍ତୁ କେତେକ ସ୍ଥାନରେ ଜଉପୋକ ଲାଗୁଥିବାର ଦେଖାଯାଏ। ଜଉପୋକ ଅନ୍ୟାନ୍ୟ ଫସଲ ପରି କୋବି ଜାତୀୟ ଫସଲକୁ ଆକ୍ରମଣ କରି ଏଗୁଡ଼ିକର ବିଶେଷ କ୍ଷତି କରିଥାନ୍ତି। ଏମାନେ ଶୋଷକ ଜାତୀୟ କୀଟ ଅଟନ୍ତି ଏବଂ ପତ୍ର ତଳପଟେ ବହୁ ସଂଖ୍ୟାରେ ଲାଗି ଏଥିରୁ ରସ ଶୋଷି ଖାଆନ୍ତି। ଫଳରେ ଆକ୍ରାନ୍ତ ଗଛଗୁଡ଼ିକ ରୁଗ୍‌ଣ ହୋଇଯାଏ ଓ ଏହାର ସ୍ୱାଭାବିକ ବୃଦ୍ଧି ହୋଇପାରେ ନାହିଁ। ଏମାନଙ୍କ ଦେହରୁ ନିସୃତ ମଧୁ ପତ୍ରରେ ପଡ଼ି ତା ଉପରେ କଳା ଫିମ୍ପି ମାଡ଼ିଯାଏ। ଫଳତଃ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ ଏବଂ ଆକ୍ରାନ୍ତ କୋବି ଗୁଡ଼ିକର ବଜାର ମୂଲ୍ୟ ହ୍ରାସ ପାଇଥାଏ। ଏହାର ପ୍ରତିକାର ପାଇଁ ଏକର ପ୍ରତି ୪୦୦ ମି.ଲି. ମେଟାସିଷ୍ଟକ୍ସ ସିଞ୍ଚନ କରନ୍ତୁ।

**ଅମଳ :** ଏକର ପ୍ରତି ହାରହାରି ୫୦ କୁଇଣ୍ଟାଲ୍ ଅମଳ ହୋଇଥାଏ।

# ସିମଳା ଲଙ୍କା

ଓଡ଼ିଶାର ବ୍ରହ୍ମପୁରରେ ପ୍ରଥମେ ସିମଳା ଲଙ୍କା ଚାଷ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହା ସବୁ ଜିଲ୍ଲାରେ ଚାଷ ହେଲାଣି । ଏହାକୁ ତରକାରୀ, ଆଚାର ଓ ସାଲାଡ୍ ଭାବରେ ବ୍ୟବହାର କରାଯାଏ । ହୋଟେଲ୍ ମାନଙ୍କରେ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଲାଣି । ଠିକ୍ ଭାବରେ ବାଜାରକୁ ପଠାଇଲେ ଏହା ଲାଭ ଜନକ ଚାଷ ହିସାବରେ କରାଯାଇପାରିବ ।

## ଜଳବାୟୁ :

ଆମ ରାଜ୍ୟରେ ଶୀତ ଋତୁରେ ଏହି ଚାଷ କରାଯାଏ । ଫୁଲ ଓ ଫଳ ଧାରଣ ସମୟରେ ଅଧିକ ବର୍ଷା କିମ୍ବା ଖରା ସହ୍ୟ କରିପାରେ ନାହିଁ । ବାୟୁମଣ୍ଡଳର ଉତ୍ତାପ ୨୬-୨୮ ଡିଗ୍ରୀ ସେଲସିୟସ୍ ରହିଲେ ଗଛର ବୃଦ୍ଧି ଅଧିକ ହୋଇ ଅମଳ ମଧ୍ୟ ବଢ଼ିଥାଏ ।

## ମୃତ୍ତିକା :

ଗଭୀର, ନିଗିଡ଼ା, ଉର୍ବର, ଦୋରସା ଏବଂ ଅମ୍ଳତା ୫.୫-୬.୮ ଥିବା ଅଞ୍ଚଳରେ ଏହି ଚାଷ ଲାଭଜନକ ଭାବେ କରାଯାଇଥାଏ । ସନ୍ତସନ୍ତିଆ ଏବଂ ପାଣି ଜମି ରହୁଥିବା ମାଟିରେ ଏହା ଲାଭଦାୟକ ହୋଇ ନଥାଏ । ସର୍ବଦା ଫସଲ ପର୍ଯ୍ୟାୟ ଅନୁସରଣ କରନ୍ତୁ ।

## କିସମ :

ଉନ୍ନତ କିସମଗୁଡ଼ିକ ଆର୍କା ଗୌରବ, ଆର୍କା ବସନ୍ତ, କାଲିଫର୍ଣ୍ଣିଆ ୱାଣ୍ଡର, ୟୋଲୋ-ୱାଣ୍ଡର ଏବଂ ପୁଷାଦୀପ୍ତି । ଶଙ୍କର କିସମ ନୂତନ ହରିତ, ଅଳଙ୍କାର, ଭାରତ, ଇନ୍ଦ୍ର ଏବଂ ବିକାଶ ।

## ବିହନ :

ଏକର ପ୍ରତି ୧୦୦-୧୨୦ ଗ୍ରାମ ମଞ୍ଜି ଆବଶ୍ୟକ ହୁଏ । ପ୍ରତି ୧ କି.ଗ୍ରା ମଞ୍ଜିକୁ ୩ ଗ୍ରାମ ଭିଟାଭାକ୍ସ କିମ୍ବା ୨ ଗ୍ରାମ ବାଭିଷ୍ଟିନ୍ ଦ୍ୱାରା ବିଶୋଧନ କରନ୍ତୁ ।

## ଚାରା ପ୍ରସ୍ତୁତି :

ମଞ୍ଜିକୁ ଫରମାଲଡିହାଇଡ୍ ଦ୍ୱାରା ବିଶୋଧିତ ତଳି ଘରାରେ ୭ ସେ.ମି. ବ୍ୟବଧାନରେ ଗାରଟାଣି ୧ ସେ.ମି. ଗଭୀରରେ ମଞ୍ଜି ପୋତନ୍ତୁ । ମାଟିକୁ ସମତୁଲ କରି ନଡ଼ା ଦ୍ୱାରା ଘୋଡ଼ାଇ ବାଭିଷ୍ଟିନ୍ (୨ ଗ୍ରାମ/ଲିଟର) ମିଶ୍ରିତ ପାଣି ସିଞ୍ଚନ କରନ୍ତୁ । ୭-୮ ଦିନରେ ଗଜା ହେବା ପରେ ନଡ଼ାକୁ ବାହାର କରିଦିଅନ୍ତୁ । ଲଗାଇବାର ଗୋଟିଏ ସପ୍ତାହ ପୂର୍ବରୁ ଜଳସେଚନ ନିୟନ୍ତ୍ରଣ କରି ଚାରାକୁ ମଜବୁତ୍ କରନ୍ତୁ ।

## ଜମି ପ୍ରସ୍ତୁତି ଓ ଚାରା ରୋପଣ :

ମାଟିକୁ ଗୁଣ୍ଡ ଚାଷ କରି ଉନ୍ନତ କିସମ ବିଶୋଧିତ ଚାରାକୁ ଧାଡ଼ିକୁ ଧାଡ଼ି ୪୫-୫୦ ସେ.ମି ଓ ଗଛକୁ ଗଛ ୩୦ ସେ.ମି ଏବଂ ଶଙ୍କର କିସମ ଗୁଡ଼ିକ ଧାଡ଼ିକୁ ଧାଡ଼ି ୮୦-୯୦ ସେ.ମି ବ୍ୟବଧାନରେ ଲଗାଯାଏ। ସାଧାରଣତଃ ୪୦ ଦିନର ଚାରା ଲଗାଯାଇଥାଏ। ଲଗାଇବା ସମୟରେ ପ୍ରଥମ ପତ୍ର ଯାଏ ମାଟିରେ ପୋତି ଜଳସେଚନ କରନ୍ତୁ। ଏକର ପ୍ରତି ୭-୧୦ ଟନ୍ କମ୍ପୋଷ୍ଟ ଶେଷ ଓଡ଼ ଚାଷ ସମୟରେ ମାଟିରେ ମିଶାଇ ସିଆର ଟାଣି ତଳ ଭାଗରେ ମୂଳ ସାରକୁ ଦେଇ ମାଟି ଘୋଡ଼ାଇ ଜଳସେଚନ କରିବା ପରେ ଚାରା ଲଗାଇଲେ ସାରର ଅଧିକ ଉପଯୋଗ ହୋଇଥାଏ।

**ଖତସାର :** ଏକର ପ୍ରତି ସାର (କି.ଗ୍ରାରେ) ନିମ୍ନମତେ ପ୍ରୟୋଗ କରାଯାଏ।

| ସାର ଉପାଦାନ | ଲଗାଇବା ସମୟରେ | ୨୦-୨୫ ଦିନରେ | ୩୫-୪୦ ଦିନରେ | ୫୦-୬୦ ଦିନରେ |
|---|---|---|---|---|
| ଯବକ୍ଷାରଜାନ | ୧୦-୨୦ | ୧୨-୨୦ | ୧୨-୨୦ | ୧୨-୨୦ |
| ଫସ୍‌ଫରସ୍ | ୧୫-୩୦ | ୧୫-୩୦ | | |
| ପଟାସିୟମ୍ | ୮-୩୦ | ୮-୩୦ | ୮-୩୦ | |

ଜିଙ୍କ୍‌ର ଅଭାବରେ ପତ୍ର ଛୋଟ ଓ ମୋଡ଼ି ହୁଏ ଏବଂ ଫୁଲ ଡେ଼ରିରେ ଆସେ । ଏଥିପାଇଁ ମୂଳସାର ସହିତ ଏକର ପ୍ରତି ୧୦ କି.ଗ୍ରା ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରନ୍ତୁ କିମ୍ବା ଜିଙ୍କ୍ ଇଡିଟିଏ (୨୫୦ ଗ୍ରାମ / ଏକର) ପତ୍ର ସିଞ୍ଚନ କରନ୍ତୁ ।

## ପରବର୍ତ୍ତୀ ଯତ୍ନ :

ଚାରା ଲଗାଇବାର ୧୦ ଦିନ ମଧ୍ୟରେ ଖାଲିଥିବା ସ୍ଥାନ ପୂରଣ କରି ସାର ଦେବା ସମୟରେ କୋଡ଼ାଖୁସା କରି ଅନାବନା ଗଛ ନଷ୍ଟ କରି ଦିଅନ୍ତୁ । ଗଛ ମୂଳକୁ ମାଟି ଟେକି ପ୍ରଥମ ଓ ଦ୍ୱିତୀୟ ଗଣ୍ଠିରୁ ଶାଖା ବାହାରିଲେ ତାକୁ ତୁରନ୍ତ ଛିଣ୍ଡାଇ ଦିଅନ୍ତୁ । ଶଙ୍କର କିସମ ଗୁଡ଼ିକରେ ବାଡ଼ି ପୋତି ବାନ୍ଧି ଦିଅନ୍ତୁ । ପାଗ ଓ ମାଟିର ବତର ଦେଖି ୭-୧୦ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ ।

## ରୋଗ ପୋକ ପରିଚାଳନା :

ଫୁଲନାଶିପଚା ରୋଗ-କଞ୍ଚାଫଳରେ ଡେ଼ମ୍ଫ ଲାଗିଥିବା ସ୍ଥାନରେ ପାଣିଦାଗ ଦେଖାଯାଇଥାଏ ପରେ ଏହା ମୋଟାହୋଇ ମାଟିଆ ରଙ୍ଗ ହୋଇଥାଏ ଏବଂ ଫଳ ଶୀଘ୍ର ପାଚିଯାଏ ।

## ପ୍ରତିକାର

ଜଳସେଚନକୁ ନିୟନ୍ତ୍ରଣ କରି କୋଡ଼ାଖୁସା ସମୟରେ ଅଧିକ ଚେର ଛିଣ୍ଡିବାକୁ ଦିଅନ୍ତୁ ନାହିଁ । ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ ନ କରି ଯବକ୍ଷାରଜାନ ପାଇଁ ସି.ଏ.ଏନ୍. ସାର ବ୍ୟବହାର କରନ୍ତୁ । ଫଳ ବୃଦ୍ଧି ସମୟରେ କାଲସିୟମ କ୍ଲୋରାଇଡ୍ (୨ ଗ୍ରାମ/ଲିଟର) ପତ୍ର ସିଞ୍ଚନ କରନ୍ତୁ ।

## ଅମଳ

ଗାଢ଼ ସବୁଜ ରଙ୍ଗ ଥିବା ସମୟରେ ପୂର୍ଣ୍ଣ ଆକାର ଫଳ ଗୁଡ଼ିକୁ ତୋଳା ଯାଇଥାଏ । ଚାରା ଲଗାଇବାର ୪୫-୬୦ ଦିନରେ ପ୍ରଥମେ ଅମଳ ମିଳିଥାଏ । ସପ୍ତାହ ଅନ୍ତରରେ ଫଳ ତୋଳାଯାଇଥାଏ । ଫଳ ତୋଳିବା ସମୟରେ ଦିନେ ଦୁଇଦିନ ପୂର୍ବରୁ ଜଳସେଚନ କରି ଫଳ ଗୁଡ଼ିକୁ ଉପରକୁ ଟେକି ଅମଳ କରାଯାଏ । ଡାଳ ଭାଙ୍ଗିବାକୁ ଦିଅନ୍ତୁ ନାହିଁ । ଏକର ପ୍ରତି ୧୦୦ ରୁ ୨୦୦ କ୍ୱିଣ୍ଟାଲ ଫଳ ଅମଳ ହୋଇଥାଏ ।

# ଲେଟ୍ୟୁସ୍

ଲେଟ୍ୟୁସ୍ ଏକ ଅଣ୍ଡାଦିନିଆ ସାଲାଡ୍ ଫସଲ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ -'କ', 'ଗ', କ୍ୟାଲସିୟମ୍, ଫସ୍‌ଫରସ୍ ଏବଂ ଅନ୍ୟାନ୍ୟ ଖଣିଜ ଲବଣ ଥାଏ ।

## ଜଳବାୟୁ :

ଲେଟ୍ୟୁସ୍ ଏକ ଥଣ୍ଡା ଜଳବାୟୁ ଆବଶ୍ୟକ କରୁଥିବା ଫସଲ । ଏହା ଉପ ଉଷ୍ଣ ମଣ୍ଡଳୀୟ ଜଳବାୟୁରେ ଚାଷ କରାଯାଇଥାଏ । ଅଧିକ ଓ କମ୍ ତାପମାତ୍ରା ଲେଟ୍ୟୁସ୍ ମଞ୍ଜି ଅଙ୍କୁରତା ଉପରେ ପ୍ରଭାବ ପକାଇଥାଏ । ୧୩° ରୁ ୧୬° ସେଣ୍ଟିଗ୍ରେଡ୍ ଉତାପରେ ଭଲ ହୋଇଥାଏ ।

## ମୃତ୍ତିକା ଓ କିସମ :

ଉର୍ବର, ନିଗିଡ଼ା, ବାଲିଆ ଦୋରସା ମାଟି ଲେଟ୍ୟୁସ୍ ଚାଷ ପାଇଁ ଉପଯୁକ୍ତ । ମାଟିର ଅମ୍ଳତା ୬୦ ରୁ ୬.୫ ରେ ଲେଟ୍ୟୁସ୍ ଚାଷ ଭଲ ହୋଇଥାଏ । ଉନ୍ନତ କିସମ ଗୁଡ଼ିକ ହେଲା- ଗ୍ରେଟ୍‌ଲେକ୍‌ସ (କ୍ରିସପ ହେଡ ପ୍ରକାର) ଚାଇନିଜ୍ ଯଲୋ (ପତ୍ରରିଆ), ଏବଂ ସ୍ଲୋ ବୋଲଟ୍ (ପତ୍ରରିଆ) ।ଏକର ପ୍ରତି ୧୬୦ ରୁ ୨୦୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ଅକ୍ଟୋବର ମାସରୁ ନଭେମ୍ବର ଲେଟ୍ୟୁସ୍ ଚାଷପାଇଁ ଉପଯୁକ୍ତ ସମୟ ।

## ପଟାଳି ପ୍ରସ୍ତୁତି :

ତଳି ଘରାରେ ମାଟିକୁ ଗୁଣ୍ଡ କରି ୩ ମିଟର ଓସାର ଓ ୧୫ ରୁ ୨୦ ସେ.ମି. ଉଚ୍ଚତା ପଟି ତିଆରି କରନ୍ତୁ। ପ୍ରତି ପଟିରେ ୨ ଝୁଡ଼ି ଗୋବର ଖତ ଏବଂ ୧୦୦ ଗ୍ରାମ କ୍ଲୋରପାଇରିଫସ୍ ଗୁଣ୍ଡ ମିଶାଇ ଗୋଟିଏ ସପ୍ତାହ ଛାଡ଼ି ଦିଅନ୍ତୁ। ତଳି ପଟିକୁ ବିଶୋଧନ କରି ୫ ରୁ ୭ ସେ.ମି. ଦୂରତାରେ ଗାରଟାଣି ଅଧ ସେ.ମି ରୁ ୧ ସେ.ମି ଗଭୀରରେ ମଞ୍ଜି ପକାଇ ଗୁଣ୍ଡ ମାଟିଦେଇ ଘୋଡାଇ ଦିଅନ୍ତୁ। ପଟାଳିକୁ ନଡ଼ା ଦ୍ୱାରା ଘୋଡ଼ାଇ ସକାଳ ଓ ସନ୍ଧ୍ୟା ସମୟରେ ଝରା ଦ୍ୱାରା ପାଣି ଦିଅନ୍ତୁ। ପ୍ରାୟ ୪-୫ ଦିନ ବେଳକୁ ଗଜା ବାହାରି ଆସିଲେ ନଡ଼ାକୁ ପଟାଳି ମଧ୍ୟରୁ ବାହାର କରନ୍ତୁ। ୫ ସପ୍ତାହ ବେଳକୁ ତଳି ୬-୭ ପତ୍ର ହୋଇଯାଇଥିଲେ ତାକୁ ମୁଖ୍ୟ ଜମିରେ ରୋପଣ କରନ୍ତୁ ।

## ଜମି ପ୍ରସ୍ତୁତି ଓ ଚାଷ ପ୍ରଣାଳୀ :

ଜମିକୁ ୩/୪ ଓଡ଼ ଚାଷ କରି ସମତୁଲ କରି ଚାରା ରୋପଣ କରିବା ସମୟରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଏବଂ ଗଛକୁ ଗଛ ଦୂରତା ୪୫ ସେ.ମି ରଖନ୍ତୁ । ଶେଷ ଓଡ଼ ଚାଷ ସମୟରେ ୮-୧୦ ଶଗଡ଼ ଗାଡ଼ି ଭଲ ସଢ଼ା ଗୋବର ଖତ ଜମିରେ ପ୍ରୟୋଗ କରନ୍ତୁ । ଚାରା ରୋପଣ ସମୟରେ ମୂଳ ସାର ହିସାବରେ ୧୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା ଫସ୍‌ଫରସ୍ ଏବଂ ୧୦ କି.ଗ୍ରା ପୋଟାସ୍ ସାର ଦିଅନ୍ତୁ। ପରେ ଆଉ ୧୦ କି.ଗ୍ରା ଯବକ୍ଷାରଜାନ ପତ୍ର ବାନ୍ଧିବା ସମୟରେ ଶୀର୍ଷସାର ହିସାବରେ ପ୍ରୟୋଗ କରନ୍ତୁ। ଚାରା ରୋପଣ କରିବା ପରେ ଜଳସେଚନ କରନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ। ଲେଟ୍ୟୁସ୍ ଫସଲରେ ଘାସ ବାଛି କୋଡ଼ାଖୋସା ନିତାନ୍ତ ଆବଶ୍ୟକ। ଚାରା ରୋପଣ କରିବାର ୨୧ ଦିନ ପରେ ପ୍ରଥମେ କୋଡ଼ାଖୋସା କରନ୍ତୁ। ଏକର ପ୍ରତି ୪୦ କୁଇଣ୍ଟାଲ୍ ଲେଟ୍ୟୁସ୍ ଅମଳ ହୋଇଥାଏ।

## ରୋଗ ପୋକ :

ସାଧାରଣତଃ ଲେଟ୍ୟୁସ୍ ଫ୍‌ସଲରେ ରୋଗ ଦେଖାଯାଏ ନାହିଁ। କେତେକ ସ୍ଥାନରେ ଜଉ ପୋକ ଲାଗନ୍ତି ସେଥିପାଇଁ ମେଟାସିଷ୍ଟକ୍ସ କୀଟନାଶକ ଔଷଧକୁ ଏକର ପ୍ରତି ୪୦୦ ମି.ଲି ହିସାବରେ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।